## ଅଧ୍ୟାୟ – ୬

# ଗ୍ରାମପଞ୍ଚାୟତର ନିଜସ୍ୱ ଅଣଟିକସ ରାଜସ୍ୱ

### ୬.୧ ଗ୍ରାମପଞ୍ଚାୟତଗୁଡିକର ଆର୍ଥିକ ସଶକ୍ତୀକରଣ ଜରୁରୀ:

୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା ପଞ୍ଚାୟତରାଜ ସଂସ୍ଥାସମୂହ ଏବଂ ପୌର ସଂସ୍ଥାସମୂହକୁ ଯଥାକ୍ରମେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବଳିଷ୍ଠ ସ୍ୱୟଂଚାଳିତ ଅନୁଷ୍ଠାନ ରୂପେ କ୍ରିୟାଶୀଳ କରାଇବାର ଲକ୍ଷ୍ୟ ପୋଷଣ କରାଯାଇଛି । କିନ୍ତୁ ଦେଖିବାକୁ ଗଲେ ସମସ୍ତ ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାମାନଙ୍କ ଭିତରେ କେବଳ ଗ୍ରାମପଞ୍ଚାୟତ ହିଁ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ, କାରଣ ସେମାନେ ଗ୍ରାମବାସୀମାନଙ୍କର ନିକଟତମ ଏବଂ ଯାବତୀୟ ସେବା ଯୋଗାଣ ପାଇଁ ଉଦ୍ଦିଷ୍ଟ ପ୍ରଶାସନିକ ବ୍ୟବସ୍ଥାର ଶେଷମୁଣ୍ଡରେ ଅବସ୍ଥିତ । ଏହିଦୃଷ୍ଟିରୁ ବିଚାର କଲେ ଗ୍ରାମ ପଞ୍ଚାୟତଗୁଡିକର ଆୟ ସଂଗହ ତଥା ବ୍ୟୟ ପରିଚାଳନା ପାଇଁ କ୍ଷମତା, ସଂକ୍ଷେପରେ କହିଲେ ସେମାନଙ୍କର ଆର୍ଥିକ ଶକ୍ତି ଏଭଳି ଭାବେ ଉନ୍ନତ ହେବା କଥା, ଯାହା ଫଳରେ ୭୩ତମ ସଂବିଧାନ ସଂଶୋଧନରେ ସେମାନଙ୍କ ଠାରୁ ଆଶା କରାଯାଇଥିବା ମହାନ୍ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସଂପାଦନ କରିବାରେ ସେମାନେ ସଫଳ ହୋଇପାରିବେ ।

### ୬.୨ ପଞ୍ଚାୟତର ଟିକସ ଓ ଅଣଟିକସ ରାଜସ୍ୱ:

ଗୋଟିଏ ଗ୍ରାମପଞ୍ଚାୟତର ଆୟ ବା ରାଜସ୍ୱକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ, ଯଥା ଟିକସ ରାଜସ୍ୱ ଓ ଅଣଟିକସ ରାଜସ୍ୱ । ଟିକସ ରାଜସ୍ୱକୁ ପୁଣି ଏହିସବୁ ଉପବିଭାଗରେ ବିଭକ୍ତ କରାଯାଇ ପାରେ, ଯଥା ନିଜସ୍ୱ ଟିକସ, ନ୍ୟସ୍ତୀକୃତ ଟିକସ ଏବଂ ଆବଣ୍ଟିତ ଟିକସ । ସେହିପରି ଅଣଟିକସ ରାଜସ୍ୱକୁ ପ୍ରାପ୍ତିର ଉତ୍ସ୍ ବା ସୂତ୍ର ଭିତ୍ତିରେ ଏହିସବୁ ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା ଲାଇସେନ୍ସ ଓ ରେଜିଷ୍ଟ୍ରେସନ୍ ଫିସ୍, ଜୋରିମାନା, ଅନୁଦାନ, ଋଣ ତଥା ଆୟକାରୀ ଉଦ୍ୟୋଗମାନ । ପୂର୍ବ ଅଧ୍ୟାୟରେ ଟିକସ ରାଜସ୍ୱ ବିଷୟ ଆଲୋଚିତ ହୋଇସରିଛି । ବର୍ତ୍ତମାନ ଏହି ଅଧ୍ୟାୟରେ ଅଣ-ଟିକସ ରାଜସ୍ୱ, ବିଶେଷ କରି ଗ୍ରାମପଞ୍ଚାୟତର ନିଜସ୍ୱ ସୂତ୍ରରୁ ଅଣ-ଟିକସ ରାଜସ୍ୱ ସଂଗ୍ରହ ବିଷୟରେ ଆଲୋଚନା କରାଯିବ ।

### ୬.୩ ଅଣଟିକସ ରାଜସ୍ୱର ଗୁରୁତ୍ୱ:

ଏହା ଏକ ସାଧାରଣ କଥା ଯେ, ଲୋକଙ୍କ ଉପରେ ଟିକସ ବସାଇବାର ଏକ ସୀମା ରହିଛି । ଯଦି କେନ୍ଦ୍ର ସରକାର ବା ରାଜ୍ୟ ସରକାର ବା ଏପରିକି ଗ୍ରାମ ପଞ୍ଚାୟତ ଭଳି ଏକ ସ୍ଥାନୀୟ କର୍ତ୍ତୃପକ୍ଷ ନିଜର ରାଜସ୍ୱ ବଢାଇବା ଲକ୍ଷ୍ୟରେ ଗୋଟାକ ପରେ ଗୋଟାଏ ଟିକସ ବସାଇ ଚାଲନ୍ତି ଅଥବା ପ୍ରଚଳିତ କୌଣସି ଟିକସର ହାର ବଢାଇ ଚାଲନ୍ତି, ତେବେ ଦିନେ ନା ଦିନେ ଏଭଳି ପରିସ୍ଥିତି ଉପୁଜିବ, ଯେତେବେଳେ କି ଲୋକେ ନୂତନ ବା ବର୍ଦ୍ଧିତ ଟିକସ ଦେବା ପାଇଁ ଅମଙ୍ଗ ହେବେ ଏବଂ ସଂପୃକ୍ତ କର୍ତ୍ତୃପକ୍ଷ ନିଜର ଟିକସ ନୀତିକୁ ବଦଳାଇବାକୁ ବାଧ୍ୟ ହେବେ । ସୁତରାଂ ଲୋକଙ୍କ ଠାରୁ ଟିକସ ଆଦାୟର ଯେହେତୁ ଏକ ସୀମା ଅଛି, ତେଣୁ ଟିକସ ସୂତ୍ରରୁ ସଂଗୃହୀତ ମୋଟ୍ ଆୟ ଦ୍ୱାରା ଗୋଟିଏ ଗ୍ରାମ ପଞ୍ଚାୟତର କ୍ରମବର୍ଦ୍ଧିଷ୍ଣୁ ବ୍ୟୟଭାର ଭରଣା କରାଯାଇ ପାରିବ ନାହିଁ; ବିଶେଷ କରି ୭୩-ତମ ସଂବିଧାନ ସଂଶୋଧନର ପରବର୍ତ୍ତୀ

ଯୁଗରେ ଯେତେବେଳେ କି ପଞ୍ଚାୟତଗୁଡ଼ିକ ସ୍ଥାନୀୟ ସ୍ତରରେ ସ୍ୱୟଂ-ଶାସିତ ଅନୁଷ୍ଠାନର ଭୂମିକା ପାଳନ କରିବାକୁ ଯାଇ ଲୋକମାନଙ୍କ ପାଇଁ ସ୍ଥାନୀୟ ସ୍ତରରେ ବ୍ୟାପକ ସଂଖ୍ୟକ ସେବା ଓ କାର୍ଯ୍ୟକ୍ରମ ହାତକୁ ନେବା ଜରୁରୀ ହୋଇ ପଡ଼ିଛି । ଏଣୁ ଲୋକମାନଙ୍କର ନିକଟତମ ଏବଂ ସେବା-ପ୍ରଶାସନର ତଳମୁଣ୍ଡରେ ଅବସ୍ଥିତ ଥିବା ଗ୍ରାମପଞ୍ଚାୟତମାନଙ୍କ ପାଇଁ ଏହା ଏକ ଅପରିହାର୍ଯ୍ୟ ପ୍ରୟୋଜନ ଯେ, ସେମାନେ ନିଜର ସମ୍ବଳ ଭଣ୍ଡାର ବଢ଼ାଇବା ପାଇଁ ଅଣଟିକସ ସୂତ୍ରରୁ ଅଧିକରୁ ଅଧିକ ଆୟ ସଂଗ୍ରହ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବେ ।

### ୬.୪ ଅଣଟିକସ ରାଜସ୍ୱର ଉତ୍ସ ଓ ତାତ୍ପର୍ଯ୍ୟ -

ଗ୍ରାମପଞ୍ଚାୟତର ଅଣ-ଟିକସ ରାଜସ୍ୱସମୂହ ନିମ୍ନୋକ୍ତ ସୂତ୍ରରୁ ଆସିଥାଏ-

- ବାହ୍ୟ ସୂତ୍ର, ଯଥା ଅନୁଦାନ, ରିହାତି (ସବ୍‌ସିଡ଼ି), ନ୍ୟସ୍ତୀକୃତ ଏବଂ ଆବଣ୍ଟିତ ଟିକସରୁ ଆୟ, ଏବଂ
- ନିଜସ୍ୱ ସୂତ୍ର, ଯଥା ରେଜିଷ୍ଟ୍ରେସନ୍/ ଲାଇସେନ୍ସ ଫିସ୍, ଜୋରିମାନା ଏବଂ ନିଜ ଉଦ୍ୟୋଗରୁ ଆୟ ।

ଏହାଛଡ଼ା ଋଣ ହେଉଛି ଆପାତ ଦୃଷ୍ଟିରେ ଗୋଟିଏ ପ୍ରକାର ଅଣ-ଟିକସ ରାଜସ୍ୱ । କିନ୍ତୁ ଏହାକୁ ଯେହେତୁ ସୁଧ ସହିତ ପରିଶୋଧ କରିବାକୁ ପଡ଼େ, ତେଣୁ ହେବା ରାଜସ୍ୱ ପଦବାଚ୍ୟ ହେବକି ନାହିଁ ତାହା ଏକ ବିବଦମାନ ପ୍ରଶ୍ନ । ପୁଣି ଋଣକୁ ଏକ ଅଣ-ଟିକସ ରାଜସ୍ୱ ବୋଲି ଧରିନିଆଗଲେ ବି ଏହାକୁ ବାହ୍ୟ କି ଆଭ୍ୟନ୍ତରୀଣ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯିବ, ତାହା ମଧ୍ୟ ଏକ ବିବଦମାନ ପ୍ରଶ୍ନ, କାରଣ ଋଣ ବାହ୍ୟସୂତ୍ରରୁ ଆସିଥିଲେ ହେଁ ଏହା ପାଇଁ ଆବେଦନ ପଞ୍ଚାୟତର ଆଭ୍ୟନ୍ତରୀଣ ନିଷ୍ପତ୍ତି ଉପରେ ନିର୍ଭର କରି ଦାଖଲ କରାଯାଇଥାଏ ।

ଗୋଟିଏ ଗ୍ରାମ ପଞ୍ଚାୟତ ଦୀର୍ଘମିଆଦି ଦୃଷ୍ଟିରୁ ନିଜର ସମ୍ବଳ ଭଣ୍ଡାରର ଅଭିବୃଦ୍ଧି ତଥା ସ୍ୱାବଲମ୍ବନଶୀଳତା ହାସଲ କରିପାରିବ, ଯଦି ତାହା ବାହ୍ୟ ସୂତ୍ରରୁ ମିଳୁଥିବା ଟିକସ ଏବଂ ଅଣଟିକସ ସୂତ୍ରରୁ ଆୟ ସହିତ ଅଧିକରୁ ଅଧିକ ନିଜସ୍ୱ ଅଣ-ଟିକସ ଆୟକୁ ବଢ଼ାଇଚାଲେ । ଏହି କାରଣରୁ ଚଳିତ ଅଧ୍ୟାୟର ମୂଳ ବିଷୟ ହେଉଛି ଗ୍ରାମ ପଞ୍ଚାୟତର ନିଜସ୍ୱ ଅଣ-ଟିକସ ରାଜସ୍ୱ ।

### ୬.୫ ଗ୍ରାମଶାସନ ସମ୍ପତ୍ତିରୁ ଆୟ:

**ଓଡ଼ିଶା ଗ୍ରା.ପ.ଆଇନ୍‌ର ଧାରା ୭୧(୪)** ଅନୁଯାୟୀ ରାଜ୍ୟ ସରକାରଙ୍କ କ୍ଷମତା ଅଧୀନରେ ରହି ନିମ୍ନୋକ୍ତ ସଂପତ୍ତିମାନ ସାଧାରଣତଃ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯିବ ଏବଂ ସେହି କାରଣରୁ ତାହାର ନିର୍ଦ୍ଦେଶନା ଓ ନିୟନ୍ତ୍ରଣ ଅଧୀନରେ ପରିଚାଳିତ ହେବ । ଏଣୁ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ଏହିସବୁ ସମ୍ପତ୍ତିରୁ ଯାହା କିଛି ରାଜସ୍ୱ ସଂଗୃହୀତ ହେବ ତାହା ଗ୍ରାମପାଣ୍ଠିକୁ ଯିବ ।

(ଏ) ଗ୍ରାମ୍ୟ ରାସ୍ତା

(ବି) ଜଳସେଚନ ଉତ୍ସସମୂହ

(ସି) ଜଳଘାଟ

(ଡି) ପତିତ ଜମି ଏବଂ ସର୍ବସାଧାରଣ ଜମି

(ଇ) ଭାରତୀୟ ଜଙ୍ଗଲ ଆଇନ୍ ୧୯୨୭ ଓ ମାଡ୍ରାସ ଜଙ୍ଗଲ ଆଇନ୍ ୧୮୮୨ ଅନୁଯାୟୀ ପରିଚାଳିତ, ସୁରକ୍ଷିତ

ଏବଂ ରକ୍ଷଣାବେକ୍ଷଣ କରାଯାଉଥିବା ଯଥାକ୍ରମେ ସୁରକ୍ଷିତ ଜଙ୍ଗଲ ଏବଂ ଅସଂରକ୍ଷିତ ଜଙ୍ଗଲରୁ କାଠ, ଜାଳ, ପଶୁଖାଦ୍ୟ ଇତ୍ୟାଦିର ସଂଗ୍ରହ

(ଏଫ୍) ସର୍ବସାଧାରଣ ଜମି ବା ସରକାରୀ ଜମିରେ ପ୍ରତିଷ୍ଠିତ ହୋଇଥିବା ବଜାର ଓ ହାଟ

(ଜି) ଉପରୋକ୍ତ ସଂପତ୍ତିମାନଙ୍କରୁ ଉପଲବ୍ଧ ହେଉଥିବା ଆୟସମୂହ

**୬.୬ ଘାଟ ଓ ହାଟରୁ ସଂଗୃହୀତ ଆୟର ଆବଣ୍ଟନ:**

**ଓଡିଶା ଗ୍ରା.ପ.ଆଇନ୍‌ର ଧାରା ୭୧(୨)** ଅନୁଯାୟୀ, ଯଦି ଦେଖାଯାଏ ଯେ, ଗୋଟିଏ ଗ୍ରା.ପ.କୁ ନ୍ୟସ୍ତ କରାଯାଇଥିବା ଗୋଟିଏ ଘାଟ ବା ହାଟ ଯଦି ଏକାଧିକ ସ୍ଥାନୀୟ ସଂସ୍ଥାର ବାସିନ୍ଦାମାନଙ୍କ ଦ୍ୱାରା ବ୍ୟବହୃତ ହେଉଛି, ତେବେ ରାଜ୍ୟ ସରକାର ସେହି ଘାଟ ବା ହାଟରୁ ସଂଗୃହୀତ ଆୟକୁ ସଂପୃକ୍ତ ସମସ୍ତ ସ୍ଥାନୀୟ ସଂସ୍ଥାଙ୍କ ଭିତରେ ଆବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରନ୍ତି । ଏହାଛଡା ଏକାଧିକ ସ୍ଥାନୀୟ ସଂସ୍ଥାମାନଙ୍କ ଦ୍ୱାରା ବ୍ୟବହୃତ ଏହି ପ୍ରକାର ଘାଟ ଓ ହାଟର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ନିଜେ ଯଥାର୍ଥ ମନେ କରୁଥିବା ଏକ ସ୍ୱତନ୍ତ୍ର କର୍ତ୍ତୃପକ୍ଷଙ୍କୁ ନ୍ୟସ୍ତ କରିପାରନ୍ତି ।

**୬.୭ ଲାଇସେନ୍‌ସ ପ୍ରଦାନ ବାବଦରେ ଫିସ୍ ଆଦାୟ:**

- **ଓ.ଗ୍ରା.ପ. ଆଇନ୍, ୧୯୬୪ର ଧାରା ୫୫(ବିପଜ୍ଜନକ ଓ ଅନିଷ୍ଟକାରୀ ବ୍ୟବସାୟିକ ଉଦ୍ୟୋଗ ସମେତ ଶିଳ୍ପ ଓ କଳକାରଖାନା)**ରେ ୨୪ ପ୍ରକାର ଉଦ୍ୟୋଗର ଅବତାରଣା କରଯାଇଛି, ଯେଉଁଗୁଡିକୁ ଗ୍ରାମ ପଞ୍ଚାୟତ କେତେକ ସର୍ତ୍ତାବଳୀ ଅଧୀନରେ ରହି ଲାଇସେନ୍‌ସ ପ୍ରଦାନ ପାଇଁ କ୍ଷମତା ପ୍ରାପ୍ତ ।
- **ଧାରା ୫୬ (ସର୍ବସାଧାରଣ ଆମୋଦପ୍ରମୋଦ ଏବଂ ମନୋରଞ୍ଜନ ସ୍ଥାନସମୂହ) ଅନୁଯାୟୀ ଗ୍ରାମ** ପଞ୍ଚାୟତ ନିଜ ଇଲାକାରେ ଥିବା ୫ଶହ ବର୍ଗଫୁଟ ବା ତଦୁର୍ଦ୍ଧ୍ୱ ପରିମିତ କୌଣସି ଆବଦ୍ଧ ସ୍ଥାନ, କୋଠା ବା ତମ୍ବୁକୁ କୋଣସି ବ୍ୟକ୍ତି ବା ଅନୁଷ୍ଠାନକୁ ସର୍ବସାଧାରଣ ଆମୋଦପ୍ରମୋଦ ବା ମନୋରଞ୍ଜନ ସ୍ଥଳ ରୂପେ ବ୍ୟବସାୟିକ ଭିତ୍ତିରେ ବ୍ୟବହାର କରିବା ପାଇଁ ଲାଇସେନ୍ସ ପ୍ରଦାନ କରିପାରନ୍ତି ।

**ଧାରା ୫୭** ଅନୁଯାୟୀ କି କି ସର୍ତ୍ତ ପୂରଣ କଲେ ଉପରୋକ୍ତ ଦୁଇ ପ୍ରକାର କ୍ଷେତ୍ରରେ ଲାଇସେନ୍ସ ମିଳିବ ଏବଂ କି କି କଟକଣାମାନ ଲାଇସେନ୍ସ ଗ୍ରହୀତା ମାନଙ୍କୁ ମାନିବାକୁ ପଡିବ ତାହା ଗ୍ରାମପଞ୍ଚାୟତ ଧାର୍ଯ୍ୟ କରିପାରନ୍ତି । ଏପ୍ରକାର ଲାଇସେନ୍ସ ପ୍ରତିବର୍ଷ ନବୀକରଣ କରାଯିବ । ଗ୍ରାମପଞ୍ଚାୟତ ଲାଇସେନ୍‌ସ ଏବଂ ନବୀକରଣ ଫିସ୍ ଆଦାୟ କରିବେ କିନ୍ତୁ ଏହି ପ୍ରକାର ଫିସ୍‌ର ସର୍ବୋଚ୍ଚ ସୀମା ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ବିହିତ କରିଥିବେ ।

**୬.୮ କେଉଁ ଶିଳ୍ପ ଓ କଳକାରଖାନାକୁ ଲାଇସେନ୍‌ସ ମିଳିପାରେ:**

ଓଡିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪ର ଧାରା ୫୫ ଅନୁସାରେ ଗ୍ରାମପଞ୍ଚାୟତ ଇଲାକା ଭିତରେ ନିମ୍ନଲିଖିତ ୨୪ ଗୋଟି ଶିଳ୍ପ ଓ କଳକାରଖାନା ଉପରେ ଲାଇସେନ୍‌ସ ଫିସ୍ ଧାର୍ଯ୍ୟ କରାଯାଇ ପାରିବ ।

ଏ) ମଇଳାଲୁଗା ଥୋଇବା ଓ ଧୋଇବା ।

ବି) କର୍ପୂର ସିଝାଇବା ।

ସି) ଚୁଆ ତିଆରି କରିବା ।

ଡି) ଚର୍ବି ଓ ଗନ୍ଧକ ତରଳାଇବା ।

ଇ) ଯବକ୍ଷାର ଅମ୍ଳ ସାହାଯ୍ୟରେ ରୂପା ଏବଂ ସୁନା ତରଳାଇବା ।

ଏଫ୍) ଖତ, ପଚାମାଂସ, ରକ୍ତ, ହାଡ, ଚମଡା, ମାଛ, ଶିଙ୍ଗ ଓ ଛିଣ୍ଡାକନା ମହଜୁଦ୍ ରଖିବା, ସିଝାଇବା ବା ଅନ୍ୟରୂପେ ଏସବୁର ଉପଯୋଗ କରିବା ।

ଜି) ପଶୁମାନଙ୍କ ଚମଡା କଷିବା, ଚମଡା ଛାଲିବା, ପେଟରୁ ଅନ୍ତନଳୀ ବାହାର କରିବା ।

ଏଚ୍) ପଶମ ଓ ଲୋମ ଧୋଇବା ଓ ଶୁଖାଇବା ।

ଆଇ) ମାଛତେଲ, ବନସ୍ପତି ଘିଅ, ଲହୁଣୀ ଓ ଅନ୍ୟାନ୍ୟ ଚର୍ବିଜାତୀୟ ସାମଗ୍ରୀ ପ୍ରସ୍ତୁତି ।

ଜେ) ସାବୁନ ତିଆରି କରିବା, ରଙ୍ଗେଇବା, ତେଲ ରାନ୍ଧିବା ବା ପେଡିବା ।

କେ) ସାଗୁ ଓ କେଡୁଆ ଜଳର ପରିସ୍ରବଣ ଓ ପ୍ରସ୍ତୁତି, କୃତ୍ରିମସାର ପ୍ରସ୍ତୁତି, ଚିନି, ମିଶ୍ରି ଓ ଗୁଡ ପ୍ରସ୍ତୁତି, ଚମଡା ଓ ଚମଡା ସାମଗ୍ରୀ ପ୍ରସ୍ତୁତି, ଲାଖ୍ ପ୍ରସ୍ତୁତି, ଏବଂ ବିଡି ତିଆରି ।

ଏଲ୍) ବାରୁଦ ବା ବାଣ ତିଆରି କରିବା ।

ଏମ୍) ଇଟା, ଟାଇଲ୍, ମାଟିପାତ୍ର ବା ଚୂନ ପୋଡିବା ।

ଏନ୍) ସର୍ବସାଧାରଣ ବ୍ୟବହାର ପାଇଁ ବିଶ୍ରାମ ଘର, ଧର୍ମଶାଳା, ହୋଟେଲ, ଭୋଜନାଳୟ, ଭୋଜନ କେନ୍ଦ୍ର, ଚା ଓ କଫି ଦୋକାନ, ରହଣି ସ୍ଥାନ ଓ ଲଜିଂ ।

୦) ବାଳକଟା ସାଲୁନ ।

ପି) କୋଡିଏଟି ବା ତତୋଧିକ ମେଣ୍ଢା ବା ଛେଳି ବା ଘୁଷୁରୀ ବା ଗୋରୁଗାଈ ଏକତ୍ର ରଖିବା ।

କ୍ୟୁ) ମଇଦା ବା ମଇଦା-ମିଶ୍ରିତ ସାମଗ୍ରୀ ବା ମିଠା ଜିନିଷର ପ୍ରସ୍ତୁତି ।

ଆର୍) ବରଫ ଓ ସୋଡା ପ୍ରସ୍ତୁତି ।

ଏସ୍) କାଠ, କୋଇଲା, ଛଣ, କାଉଁରିଆ, ଯୁଣଘାସ, ଝୋଟ, ଜାଳ କୋଇଲା, ପୋଡା କୋଇଲା, ଏବଂ ଅନ୍ୟାନ୍ୟ ବିପଜ୍ଜନକ ଦାହ୍ୟ ସାମଗ୍ରୀକୁ ବିକ୍ରୀବଟା ବା ମହଜୁଦ୍ କରିବା ।

ଟି) ଶସ୍ୟ, ଚିନାବାଦାମ, ଲଙ୍କାମରିଚ ବା କନ୍ଦମୂଳକୁ ପାଇକାରୀ ହିସାବରେ ବିକ୍ରୀ କରିବା ବା ପାଇକାରୀ ବିକ୍ରୀବଟା ଉଦ୍ଦେଶ୍ୟରେ ମହଜୁଦ୍ ରଖିବା ।

ୟୁ) କୌଣସି ବିସ୍ଫୋରକ ବା ଦାହ୍ୟ ସାମଗ୍ରୀ ବା କିରୋସିନି, ପେଟ୍ରୋଲ, ଆଲକାତରା ବା ଅନ୍ୟ କୌଣସି ଦାହ୍ୟ ତୈଳ ବା ସ୍ପିରିଟ୍ ମହଜୁଦ୍ ରଖିବା ।

ଭି)  ହାନିକାରକ ବା ଦୁର୍ଗନ୍ଧକର ବାସନା ପ୍ରକଟ କରୁଥିବା କୌଣସି ସାମଗ୍ରୀର ପ୍ରସ୍ତୁତି ବା ରାଜ୍ୟ ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ବଳରେ ବିପଜ୍ଜନକ ଏବଂ ହାନିକାରକ ବୋଲି ଘୋଷିତ ହୋଇଥିବା କୌଣସି ସାମଗ୍ରୀର ପ୍ରସ୍ତୁତି ।

ଡବ୍‌ଲ୍ୟୁ ) ଶିଳ୍ପକାର୍ଯ୍ୟ ସକାଶେ କୌଣସି ଜାଳେଣି ବା ଯନ୍ତ୍ରପାତିର ବ୍ୟବହାର ।

ଏକ୍ସ) ଶିଳ୍ପ-ପ୍ରକ୍ରିୟା ଭିତରେ ସାଧାରଣ ଭାବେ ଏମିତି କୌଣସି କାର୍ଯ୍ୟ, ଯାହା କି ମୁନଷ୍ୟ ଜୀବନ ବା ସ୍ୱାସ୍ଥ୍ୟ ବା ସମ୍ପତ୍ତି ପ୍ରତି ଅନିଷ୍ଟକର ବା ବିପଜ୍ଜନକ ହେବାର ସମ୍ଭାବନା ଥାଏ ।

**୬.୯ ଲାଇସେନ୍‌ସ ନିର୍ଗମନ ପାଇଁ ଅନୁସରଣୀୟ ପ୍ରକ୍ରିୟା-**

- ଉପରୋକ୍ତ ୨୪ଟି ଶିଳ୍ପ ଓ କଳକାରଖାନାକୁ ଗୋଟିଏ ଗ୍ରାମପଞ୍ଚାୟତ ବିଜ୍ଞପ୍ତି ବଳରେ ମଞ୍ଜୁରି ଦେଇ ପାରିବେ ଯଦି ସେ ପୂର୍ବରୁ ଏଥିପାଇଁ ସଂପୃକ୍ତ ଜିଲ୍ଲାପାଳଙ୍କ ଅନୁମତି ନେଇଥିବେ । **ଆଇନ୍‌ର ଧାରା ୫୫(୧)** ।
- ଲାଇସେନ୍ସ ନିର୍ଗମନ କିମ୍ବା ଲାଇସେନ୍ସଧାରୀଙ୍କ ଉପରେ କୌଣସି ପ୍ରକାର କଟକଣା ଏହା ବିଜ୍ଞପ୍ତି ହେବାର ୬୦ଦିନ ପରେ ପ୍ରଯୁଜ୍ୟ ହେବ । **ଆଇନ୍‌ର ଧାରା ୫୫(୧)ର ପରନ୍ତୁକ ।**
- ଲାଇସେନ୍ସ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସଂପୃକ୍ତ ସ୍ଥାନକୁ ବ୍ୟବହାର କରିବା ସକାଶେ ଲାଇସେନ୍‌ସ୍ ପାଇବା ପାଇଁ ଆଗ୍ରହୀ ବ୍ୟକ୍ତି ଗ୍ରାମପଞ୍ଚାୟତ ପାଖରେ ଦରଖାସ୍ତ କରିବେ । **ଆଇନ୍‌ର ଧାରା ୫୫(୨) ।**
- ଗ୍ରାମପଞ୍ଚାୟତ ନିଜର ଆଦେଶ ବଳରେ ଆବଶ୍ୟକୀୟ କଟକଣା ଓ ନିୟନ୍ତ୍ରଣ ଜାରି କରି ଦରଖାସ୍ତ ପାଇବାର ୬୦ଦିନ ମଧ୍ୟରେ ଲାଇସେନ୍ସ ମଞ୍ଜୁର କରିପାରିବେ କିମ୍ବା ମଞ୍ଜୁର କରିବାକୁ ମନା କରି ଦେଇପାରିବେ । ଯଦି ମନା କରନ୍ତି ତେବେ ସେପରି ସ୍ଥଳେ ଗ୍ରାମପଞ୍ଚାୟତ ଏ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ ଏବଂ ଜିଲ୍ଲାପାଳ ସେ ବିଷୟରେ ସବିଶେଷ ତଦନ୍ତ କରି ନିଜର ମତାମତ ରାଜ୍ୟ ସରକାରଙ୍କୁ ଜଣାଇବେ । ଏବଂ ରାଜ୍ୟ ସରକାର ହିଁ ଚୂଡାନ୍ତ ନିଷ୍ପତ୍ତି ନେବେ । **ଆଇନ୍‌ର ଧାରା ୫୫(୩) ।**
- ଅନୁମତି ପତ୍ର ବା ଲାଇସେନ୍‌ସ ସାଧାରତଃ ଏକ ବର୍ଷ ପାଇଁ ପ୍ରଯୁଜ୍ୟ ରହିବ । କିନ୍ତୁ କାରଣ ଦର୍ଶାଇ ବର୍ଷକ ଠାରୁ କମ୍ ସମୟ ଅବଧି ପାଇଁ ଗ୍ରାମପଞ୍ଚାୟତ ଲାଇସେନ୍ସ ଦେଇପାରନ୍ତି । **ଆଇନ୍‌ର ଧାରା ୫୫(୪) ।**
- ବର୍ଷ ପୂରିବାର ୩୦ ଦିନ ପୂର୍ବରୁ ପ୍ରଦତ୍ତ ଲାଇସେନସ୍‌ର ନବୀକରଣ ପାଇଁ ଆବେଦନ କରିବାକୁ ହେବ ଏବଂ ନୂଆ ଭାବେ କୌଣସି ଉଦ୍ୟୋଗ ଖୋଲିବା ସକାଶେ ଲାଇସେନସ୍ ନେବାକୁ ହେଲେ ପ୍ରସ୍ତାବିତ ଖୋଲିବା ତାରିଖର ଅନ୍ୟୁନ ୩୦ ଦିନ ଆଗରୁ ଦରଖାସ୍ତ ଦେବାକୁ ହେବ । **ଆଇନ୍‌ର ଧାରା ୫୫(୫) ।**
- ବାରୁଦ ବା ଆତସବାଜୀର ପ୍ରସ୍ତୁତି ଅଥବା କୌଣସି ବିସ୍ଫୋରକ ବା ଦହନୀୟ ପଦାର୍ଥକୁ ଗଚ୍ଛିତ କରି ରଖିବା ଉଦ୍ଦେଶ୍ୟରେ ଲାଇସେନ୍ସ ମଂଞ୍ଜୁର କରିବା କ୍ଷେତ୍ରରେ ଗ୍ରାମପଞ୍ଚାୟତ ଭାରତୀୟ ବିସ୍ଫୋରକ ଆଇନ୍ ୧୮୮୪ ଏବଂ ତଦନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ପରିଚାଳିତ ହେବ । ସେହିପରି କିରୋସିନି, ପେଟ୍ରୋଲ, ଆଲକାତରା ଅଥବା ଅନ୍ୟ କୌଣସି ଦହନୀୟ ତୈଳ ବା ସ୍ପିରିଟ୍ ଗଚ୍ଛିତ କରି ରଖିବା ଉଦ୍ଦେଶ୍ୟରେ ଲାଇସେନ୍ସ ମଂଞ୍ଜୁର କରିବା କ୍ଷେତ୍ରରେ ଗ୍ରାମପଞ୍ଚାୟତ ପେଟ୍ରୋଲିୟମ ଆଇନ୍ ୧୯୩୪ ଏବଂ ତଦନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ପରିଚାଳିତ ହେବ ।**ଆଇନ୍‌ର ଧାରା ୫୫(୬) ।**

**୬.୧୦ ବାର୍ଷିକ ଲାଇସେନ୍ସ ଫିସ୍‌ର ସର୍ବୋଚ୍ଚ ପରିମାଣ-**

- ରାଜ୍ୟପାଳଙ୍କ ଆଦେଶ କ୍ରମେ ରାଜ୍ୟ ସରକାରଙ୍କ ବିଜ୍ଞାପନ ନଂ.୧୨୬୩ ଏଲ୍.ଏସ୍.ଜି. ତା ୮.୧୧.୧୯୫୦ ଅନୁସାରେ ଶିଳ୍ପ ପ୍ରତିଷ୍ଠାନ ଓ କଳକାରଖାନାଗୁଡିକରୁ ଗ୍ରାମପଞ୍ଚାୟତମାନେ ବାର୍ଷିକ ଲାଇସେନ୍ସ ଫିସ୍ ଆଦାୟ କରିବା କ୍ଷେତ୍ରରେ ସର୍ବୋଚ୍ଚ ସୀମା ଧାର୍ଯ୍ୟ କରାହୋଇଛି ଏବଂ ଗ୍ରାମପଞ୍ଚାୟତମାନେ ସ୍ଥାନୀୟ ସ୍ଥିତି ଏବଂ ଉଦ୍ୟୋଗର ପ୍ରକାର ଏବଂ ଆକାରକୁ ଭିତ୍ତି କରି ଏହି ସର୍ବୋଚ୍ଚ ସୀମା ଭିତରେ ରହି ଫିସ୍ ପରିମାଣରେ ଅଦଳବଦଳ କରିପାରନ୍ତି ।

- ଏଠାରେ ପ୍ରଶ୍ନ ଉଠିପାରେ ୧୯୬୪ରେ ବର୍ତ୍ତମାନର ଗ୍ରାମପଞ୍ଚାୟତ ଆଇନ୍ ପ୍ରଣୀତ ହୋଇଥିଲେ ହେଁ ୧୯୫୦ ମସିହାର ବିଜ୍ଞପ୍ତି ଏବେ ବି କିପରି ପ୍ରଯୁଜ୍ୟ ରହିଛି । ଏହାର ଉତ୍ତର ହେଲା, ୧୯୬୪ ଆଇନ୍‌ର ଧାରା ୧୫୩ (ପ୍ରତ୍ୟାହାର)ରେ କୁହାଯାଇଛି ଯେ, ଓ.ଗ୍ରା.ପ. ଆଇନ୍ ୧୯୪୮ ଅଧୀନରେ ଲାଇସେନ୍ସ, ଅନୁମତି, ଟିକସ, ଦେୟ, ଟୋଲ୍, ଏବଂ ଫିସ୍ ଇତ୍ୟାଦି ବିଷୟରେ ଯାହାକିଛି ବିଜ୍ଞପ୍ତି କରାଯାଇଥିବ, ତାହା ସେହି ରୂପରେ ପ୍ରଯୁଜ୍ୟ ରହିବ । ୧୯୬୪ ଆଇନ୍ ପରେ ଏହିସବୁ ଦେୟର ପରିମାଣ ସଂଶୋଧନ କରି କୌଣସି ବିଜ୍ଞପ୍ତି ଜାରି କରାଯାଇନାହିଁ । ଏଠାରେ ଉଲ୍ଲେଖନୀୟ ଯେ, ୧୯୫୦ରେ ବିଜ୍ଞପ୍ତି କରାଯାଇଥିବା ସର୍ବୋଚ୍ଚ ପରିମାଣ ଏତେ ସ୍ୱଳ୍ପ ଯେ, ଏବେ ତହିଁର ବାସ୍ତବ ପ୍ରାସଙ୍ଗିକତା ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, ଏକ ଲକ୍ଷ ଇଟା ପୋଡା ବାବଦକୁ ମାତ୍ର ୨୦ଟଙ୍କା ଏବଂ ଗୋଟିଏ ଲଜିଂର ବାର୍ଷିକ ଲାଇସେନ୍ସ ଫିସ୍ ମାତ୍ର ୫ଟଙ୍କା, ତଥା ୧୦୦ ଗ୍ୟାଲନ୍ ପର୍ଯ୍ୟନ୍ତ ପେଟ୍ରୋଲିଅମ୍ ଗଚ୍ଛିତ କରିବାର ଲାଇସେନ୍ସ ଫିସ୍ ମାତ୍ର ୩ଟଙ୍କା ରଖାଯାଇଛି ।

**୬.୧୧ ଗ୍ରାମପଞ୍ଚାୟତ ଇଲାକା ଭିତରେ ସର୍ବସାଧାରଣ ହାଟର ପରିଚାଳନା-**

**୬.୧୧.୧** ଗ୍ରାମପଞ୍ଚାୟତ ସର୍ବସାଧାରଣ ହାଟ ପାଇଁ ସ୍ଥାନର ସୀମା ନିର୍ଦ୍ଧାରଣ କରିପାରିବ ଓ ସ୍ଥାନ ଯୋଗାଇଦେଇ ପାରିବ ବା ସେଭଳି କୌଣସି ହାଟ କିମ୍ବା ତାହାର ଅଂଶବିଶେଷକୁ ସଂପୂର୍ଣ୍ଣ ଭାବେ କିମ୍ବା ସାମୟିକ ଭାବେ ବନ୍ଦ କରିଦେଇ ପାରିବ । **ଆଇନ୍‌ର ଧାରା ୫୮(୧) ।**

**୬.୧୧.୨** ବିଜ୍ଞାପିତ ହୋଇଥିବା ସର୍ବୋଚ୍ଚ ସୀମା ଭିତରେ ରହି ଗ୍ରାମପଞ୍ଚାୟତ ନିମ୍ନଲିଖିତ ଉଦ୍ଦେଶ୍ୟରେ ଫିସ୍ ଧାର୍ଯ୍ୟ କରିପାରିବ । ଫିସ୍ ଆଦାୟ କରିବାର ଦାୟିତ୍ୱ ଗ୍ରାମପଞ୍ଚାୟତ ଉପଯୁକ୍ତ ମନେ କରୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ନ୍ୟସ୍ତ କରିପାରିବେ କିମ୍ବା ଫିସ୍‌ଆଦାୟର ଦାୟିତ୍ୱ ଆବଶ୍ୟକୀୟ ସର୍ତ୍ତ ଓ କଟକଣା ସହିତ କୌଣସି ବ୍ୟକ୍ତିଙ୍କୁ ଲିଜ୍ ଦେଇପାରିବେ । **ଆଇନ୍‌ର ଧାରା ୫୮(୨) ।**

ଏ) ହାଟରେ ବ୍ୟବହାର ପାଇଁ ବା ବିକ୍ରୀ ସକାଶେ ପଣ୍ୟଦ୍ରବ୍ୟର ପ୍ରଦର୍ଶନ ବାବଦକୁ ଫିସ୍ ।

ବି) ହାଟରେ ଥିବା ଦୋକାନ, ଷ୍ଟଲ୍, ଖୁଆଡ, କିମ୍ବା ଷ୍ଟାଣ୍ଡକୁ ବ୍ୟବହାର ବାବଦକୁ ଫିସ୍ ।

ସି) ହାଟରେ ବିକ୍ରୀ ଉଦ୍ଦେଶ୍ୟରେ ପଣ୍ୟଦ୍ରବ୍ୟର ପରିବହନ ପାଇଁ ଯେଉଁ ମୋଟରଗାଡି ସମେତ ଯାନବାହାନ କିମ୍ବା ଭାରବାହୀ ପଶୁଙ୍କୁ ବ୍ୟବହାର କରାଯାଉଥାଏ ଅଥବା ବସ୍ତାବୋହିବା ଲୋକଙ୍କୁ ବ୍ୟବହାର କରାଯାଉଥାଏ, ସେ ବାବଦକୁ ଫିସ୍ ।

ଡି) ହାଟରେ ବିକ୍ରୀ ହେବାକୁ ଅଣାଯାଇଥିବା ବା ବିକ୍ରୀ ହୋଇଥିବା ପଶୁମାନଙ୍କ ବାବଦକୁ ଫିସ୍ ।

ଙ) ହାଟରେ କାର୍ଯ୍ୟରତ ଦଲାଲ୍, କମିଶନ ଏଜେଣ୍ଟ, ମାପବାଲା ଇତ୍ୟାଦି ପେଷାଦାର୍ ବ୍ୟକ୍ତିମାନଙ୍କ ଠାରୁ ଫିସ୍ ।

୬.୧୧.୩ ପ୍ରତି ସର୍ବସାଧାରଣ ହାଟ ପାଇଁ ଗ୍ରାମପଞ୍ଚାୟତ ବିହିତ ପ୍ରଣାଳୀରେ ପଞ୍ଚାୟତ ସମିତିର ମଞ୍ଜୁରିକ୍ରମେ ଉପରୋକ୍ତ ଫିସ୍‌ଗୁଡ଼ିକର ହାର ନିର୍ଦ୍ଧାରଣ କରିବ ଏବଂ ଉକ୍ତ ହାରସୂଚୀକୁ ହାଟର ଏକ ସୁଦୃଶ୍ୟ ସ୍ଥାନରେ ପ୍ରକାଶ କରିବେ । **ଆଇନ୍‌ର ଧାରା ୫୮(୩) ।**

୬.୧୧.୪ ଯେଉଁ ସ୍ଥଳେ ହାଟକୁ ଲିଜ୍ ଦିଆଯାଇଥିବ, ସେପରି ସ୍ଥଳେ ଯଦି ଲିଜ୍-ଧାରୀ କିମ୍ବା ତାଙ୍କର ଏଜେଣ୍ଟ ନିର୍ଦ୍ଧାରିତ ହାର ଠାରୁ ବେଶୀ ଆଦାୟ କରନ୍ତି କିମ୍ବା ଅନ୍ୟ କୌଣସି ସର୍ତ୍ତ ଉଲ୍ଲଂଘନ କରନ୍ତି, ତେବେ ତାଙ୍କର ଲିଜ୍ ରଦ୍ଦ କରି ଦିଆଯିବ ଏବଂ ଯେଉଁ ବ୍ୟକ୍ତି ପ୍ରତ୍ୟକ୍ଷ ଭାବେ ଉକ୍ତ ଉଲ୍ଲଂଘନ ପାଇଁ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କୁ ସର୍ବାଧିକ ୫୦ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ । **ଆଇନ୍‌ର ଧାରା ୫୮(୪) ।**

୬.୧୧.୫ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୯୪ରେ ସଂଶୋଧନ ହେବା ପରେ ଧାରା ୫୮(୫)ରେ କୁହାଯାଇଛି ଯେ, ୧୯୯୪ର ସଂଶୋଧନ କାର୍ଯ୍ୟକାରୀ ହେବା ପୂର୍ବରୁ ବା ପରେ ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ସ୍ଥାପିତ ବଜାରଗୁଡ଼ିକ ପ୍ରତି ଓଡ଼ିଶା କୃଷିଜାତ ସାମଗ୍ରୀ ବଜାର ଆଇନ୍ ୧୯୫୬ ପ୍ରଯୁଜ୍ୟ ହେବ ନାହିଁ । ୧୯୫୬ ଆଇନ୍‌ର ଧାରା ୪ ଅନୁଯାୟୀ ଯେଉଁସବୁ ଜମି ବା କୋଠା ବା ଉଭୟ ସମ୍ପତ୍ତି ୧୯୯୪ର ସଂଶୋଧନ ପୂର୍ବରୁ ବଜାର କମିଟିକୁ ହସ୍ତାନ୍ତରିତ ହୋଇଥିବ ସେଗୁଡ଼ିକ ପୁଣି ୧୯୯୪ର ସଂଶୋଧନର ବିଜ୍ଞପ୍ତି ତାରିଖ ସୁଦ୍ଧା ଗ୍ରାମପଞ୍ଚାୟତକୁ ଫେରସ୍ତ ଅଣାଯିବ । ଏହାଛଡ଼ା ଉକ୍ତ ସଂଶୋଧନର ବିଜ୍ଞପ୍ତି ତାରିଖରେ ଯଦି ଆଇନ୍ ୧୯୫୬ ଅଧୀନରେ ପ୍ରତିଷ୍ଠିତ ହୋଇଥିବା ଏକ ବଜାର କାର୍ଯ୍ୟ କରୁଥାଏ, ତେବେ ଏହାକୁ ଗ୍ରାମପଞ୍ଚାୟତ ଅଧୀନରେ ପରିଚାଳିତ ହେଉଥିବା ଏକ ବଜାର ବୋଲି ବିବେଚନା କରାଯିବ । କିନ୍ତୁ ଯଦି ସଂଶୋଧିତ ଆଇନ୍‌ର ବିଜ୍ଞପ୍ତି ତାରିଖର ୩ମାସ ଭିତରେ ଯଦି ଏପରି କୌଣସି ବଜାର ଗ୍ରାମପଞ୍ଚାୟତକୁ ହସ୍ତାନ୍ତରିତ ହୋଇନଥାଏ, ତେବେ ଏହା ଗ୍ରାମପଞ୍ଚାୟତକୁ ଆଉ ହସ୍ତାନ୍ତର ହୋଇପାରିବ ନାହିଁ । **ଆଇନ୍‌ର ଧାରା ୫୮(୫) ।**

**୬.୧୨ ଗ୍ରା.ପ. ଇଲାକା ମଧ୍ୟରେ ଘରୋଇ ହାଟର ପରିଚାଳନା:**

୬.୧୨.୧ ଯଦି କୌଣସି ବ୍ୟକ୍ତି ଏକ ନୂତନ ଘରୋଇ ଦୋକାନ ଖୋଲିବା ପାଇଁ ବା ବର୍ତ୍ତମାନର ଦୋକାନକୁ ବଜାୟ ରଖିବାକୁ ଇଚ୍ଛୁକ, ସେଭଳି ବ୍ୟକ୍ତିଙ୍କ ଆବେଦନ କ୍ରମେ ଗ୍ରାମପଞ୍ଚାୟତ ଏକବର୍ଷ ନିମନ୍ତେ ଲାଇସେନ୍ସ ପ୍ରଦାନ କରି ପାରିବ ଏବଂ ପ୍ରତି ପରବର୍ତ୍ତୀ ବର୍ଷରେ ଲାଇସେନ୍ସର ନବୀକରଣ କରାଯିବ । **ଧାରା ୫୯ ।**

୬.୧୨.୨ ଅନୁସୂଚୀତ ଅଞ୍ଚଳମାନଙ୍କରେ ଗ୍ରାମଶାସନର ନିୟନ୍ତ୍ରଣ ଓ ତଦାରଖ ଅଧୀନରେ ରହି ଗ୍ରା.ପ. ସମସ୍ତ ପ୍ରକାର ଗାଁ ହାଟକୁ ପରିଚାଳନା କରିବା ପାଇଁ ହକ୍‌ଦାର ରହିବ । **ଧାରା ୫୯ର ପରନ୍ତୁକ ।**

୬.୧୨.୩ ପରିମଳ ଏବଂ ଜଳଯୋଗାଣ, ତଥା ବ୍ୟବହୃତ ହେବାକୁ ଥିବା ଓଜନ ଓ ମାପ ପଦ୍ଧତି ତଥା ଅନ୍ୟ କୌଣସି ବିହିତ ହେବାକୁ ଥିବା ବିଷୟ ସଂକ୍ରାନ୍ତରେ ଗ୍ରାମପଞ୍ଚାୟତ ଉପଯୁକ୍ତ ମନେ କଲେ ଘରୋଇ ଦୋକାନ ପାଇଁ ଲାଇସେନ୍ସ ସକାଶେ ଦାଖଲ ହୋଇଥିବା ଏକ ଦରଖାସ୍ତକୁ ମଞ୍ଜୁର କରିପାରନ୍ତି । **ଧାରା ୬୦(୧-ଏ) ।**

୬.୧୨.୪ ଗ୍ରାମପଞ୍ଚାୟତ ଆବଶ୍ୟକ ମନେ କଲେ ଏକ ବିନିର୍ଦ୍ଦିଷ୍ଟ ତାରିଖରୁ ଲାଇସେନ୍‌ସ କାର୍ଯ୍ୟକାରୀ ହେବ ବୋଲି ସଂଶୋଧିତ ସର୍ତ୍ତାବଳୀ ଜାରି କରିପାରିବ । **ଧାରା ୬୦(୧-ବି) ।**

୬.୧୨.୫ ଲାଇସେନସ୍‌ର ସର୍ତ୍ତାବଳୀ ଉଲ୍ଲଂଘନ କରାଯାଇଥିବା କାରଣରୁ ମଞ୍ଜୁର ହୋଇଥିବା ଲାଇସେନ୍ସକୁ ଗ୍ରାମ ପଞ୍ଚାୟତ ଯେ କୌଣସି ସମୟରେ ରଦ୍ଦ ବା ରହିତ କରିପାରିବ । **ଧାରା ୬୦(୧-ସି) ।**

୬.୧୨.୬ ଲାଇସେନସ୍ ଦେବା ବେଳେ ଗ୍ରାମପଞ୍ଚାୟତ ଦୋକାନର ମାଲିକଙ୍କର ପୂର୍ବବର୍ଷର ମୋଟ ଆୟର ଶତକଡା ୧୫ଭାଗ ପର୍ଯ୍ୟନ୍ତ ବାର୍ଷିକ ଲାଇସେନ୍ସ ଫିସ୍ ଧାର୍ଯ୍ୟ କରିପାରିବ । **ଧାରା ୬୦(୨) ।**

୬.୧୨.୭ ବିନା ଲାଇସେନ୍ସରେ ଚାଲୁଥିବା ଘରୋଇ ଦୋକାନ ଅଥବା ଯେଉଁ ଘରୋଇ ଦୋକାନର ଲାଇସେନ୍ସ ରହିତ କିମ୍ୱା ରଦ୍ଦ ହୋଇଛି ଅଥବା ଯେଉଁ ଘରୋଇ ଦୋକାନ ଆଇନ୍‌ର ବ୍ୟବସ୍ଥାଗୁଡିକର ଖୋଲାଖୋଲି ଉଲ୍ଲଂଘନ କରି ଚାଲୁରହିଛି, ତାକୁ ବନ୍ଦ କରି ଦେବାର କ୍ଷମତା ଗ୍ରାମପଞ୍ଚାୟତର ଅଛି । **ଧାରା ୬୦(୩) ।**

**୬.୧୩ ହାଟରେ ବିକ୍ରୟ ସମ୍ବନ୍ଧେ କଟକଣା:**

୬.୧୩.୧ ଗ୍ରାମପଞ୍ଚାୟତ କିମ୍ୱା ଲାଇସେନ୍ସଧାରୀ କିମ୍ୱା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ବିନାନୁମତିରେ କୌଣସି ଲୋକ ସର୍ବସାଧାରଣ ହାଟ କିମ୍ୱା ଲାଇସେନ୍ସପ୍ରାପ୍ତ ଘରୋଇ ହାଟରେ କୌଣସି ପଣ୍ୟଦ୍ରବ୍ୟ ବା ପଶୁକୁ ବିକ୍ରୟ କିମ୍ୱା ବିକ୍ରୟ ଉଦ୍ଦେଶ୍ୟରେ ପ୍ରଦର୍ଶନ କରିପାରିବେ ନାହିଁ । **ଧାରା ୬୨ ।**

୬.୧୩.୨ ସର୍ବସାଧାରଣ ରାସ୍ତା କିମ୍ୱା ଏହାର କୌଣସି ସ୍ଥାନରେ କୌଣସି ପଶୁ ବା ପଣ୍ୟଦ୍ରବ୍ୟର ବିକ୍ରୟକୁ ଗ୍ରାମ ପଞ୍ଚାୟତ ବିଜ୍ଞପ୍ତି ବଳରେ ନିଷେଧ କରିପାରିବ ବା ଲାଇସେନ୍ସ ଅଧୀନକୁ ଆଣି ପାରିବ ବା ନିୟନ୍ତ୍ରଣ କରିପାରିବ । **ଧାରା ୬୩ ।**

**୬.୧୪ ହାଟର ସଂଜ୍ଞାକୁ ନେଇ ବିବାଦ ଉପୁଜିଲେ ତହିଁର ସମାଧାନ-**

୬.୧୪.୧ ଓ.ଗ୍ରା.ପ.ଆଇନ୍‌ର ଧାରା ୨(କେ) ଅନୁଯାୟୀ ହାଟ ବା ବଜାର କହିଲେ ଶସ୍ୟାଦି, ଫଳ, ପନିପରିବା, ମାଂସ, ମାଛ ବା ଅନ୍ୟ କୌଣସି ପଚନଶୀଳ ଖାଦ୍ୟସାମଗ୍ରୀର ବିକାକିଣା ଅଥବା ପଶୁସଂପଦ ବା କୁକୁଡା, ବା କୌଣସି କୃଷିଜାତ ବା ଶିଳ୍ପଜାତ ପଣ୍ୟଦ୍ରବ୍ୟ ବା ଉତ୍ପନ୍ନ ହେବାକୁ ଥିବା କୌଣସି ସାମଗ୍ରୀ, ବା ଜୀବନଯାପନର ସୁବିଧା ପାଇଁ ଉଦ୍ଦିଷ୍ଟ କୌଣସି ବସ୍ତୁ ବା ପଣ୍ୟସାମଗ୍ରୀର ବିକାକିଣା ପାଇଁ ସର୍ବସାଧାରଣ କାରବାର କରୁଥିବା ସ୍ଥାନ, ଯାହାକୁ ସାଧାରଣତଃ ବା ସମୟାନ୍ତରରେ ସେହିସବୁ ଉଦ୍ଦେଶ୍ୟ ପାଇଁ ଚିହ୍ନିତ କରାଯାଇଥାଏ ।

୬.୧୪.୨ କୌଣସି ଏକ ସ୍ଥାନ ହାଟ ପଦବାଚ୍ୟ କି ନୁହେଁ ବୋଲି ଯଦି ପ୍ରଶ୍ନ ଉଠେ, ତାହାହେଲେ ସେ ବିଷୟ ଗ୍ରାମ ପଞ୍ଚାୟତ ରାଜ୍ୟସରକାରଙ୍କ ନିକଟରେ ଉପସ୍ଥାପନା କରିବ ଏବଂ ରାଜ୍ୟ ସରକାରଙ୍କ ସିଦ୍ଧାନ୍ତ ହିଁ ଚୂଡାନ୍ତ ବୋଲି ବିବେଚିତ ହେବ । **ଧାରା ୬୧ ।**

୬.୧୫ **ବିନା ଲାଇସେନ୍ସରେ କାରବାର ପାଇଁ ଜୋରିମାନା ବ୍ୟବସ୍ଥା-**

କୌଣସି ବ୍ୟକ୍ତି ନିଜ ଅଧୀନରେ ଥିବା କୌଣସି ସ୍ଥାନ ବା ଘର ଏଭଳି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରନ୍ତି, ଯେଉଁଥିପାଇଁ ଲାଇସେନ୍ସ ଦରକାର, ବା ଲାଇସେନ୍ସର ସର୍ତ୍ତାବଳୀକୁ ଉଲ୍ଲଙ୍ଘନ କରି ଏଭଳି ସ୍ଥାନକୁ ବ୍ୟବହାର କରନ୍ତି, ସେପରି କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ଗ୍ରାମପଞ୍ଚାୟତ ତାଙ୍କ ଠାରୁ ପ୍ରଥମ ଥରର ବ୍ୟତିକ୍ରମ ପାଇଁ ପାଇଁ ୧୦୦ଟଙ୍କାର ଜୋରିମାନା ଆଦାୟ କରିବ । ଏହାଛଡା ସେହି ଉଲ୍ଲଂଘନ-ମୂଳକ କାର୍ଯ୍ୟ ଯଦି ବଜାୟ ରୁହେ ତେବେ ପ୍ରଥମ ଅପରାଧ ପାଇଁ ଦଣ୍ଡବିଧାନ ତାରିଖଠାରୁ ସର୍ବାଧିକ ଦୈନିକ ୫ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଗ୍ରାମପଞ୍ଚାୟତ ସେହି ବ୍ୟକ୍ତିଙ୍କ ଠାରୁ ଆଦାୟ କରିପାରିବ । **ଧାରା ୬୮ ।**

**୬.୧୬ ଶବସଂସ୍କାର ଖର୍ଚ୍ଚ ଆଦାୟ:**

କୌଣସି ବ୍ୟକ୍ତିର ମୃତ୍ୟୁ ହେବାର ୨୪ଘଣ୍ଟା ବିତିଗଲା ପରେ ଗ୍ରାମପଞ୍ଚାୟତ ମୃତବ୍ୟକ୍ତିର ଧାର୍ମିକ ରୀତି ଅନୁଯାୟୀ ଶବସଂସ୍କାର କରିପାରିବ ଏବଂ ଶବସଂସ୍କାର ପିଛା ଖର୍ଚ୍ଚ ମୃତବ୍ୟକ୍ତିଙ୍କ ସମ୍ପତ୍ତିରୁ ଆଦାୟ କରାଯିବ । ଯଦି ମୃତ ବ୍ୟକ୍ତି ନିର୍ଧନ ହୋଇଥିବେ, ସେପରି ସ୍ଥଳେ ଶବଦାହ ଖର୍ଚ୍ଚ ଗ୍ରାମ ପଞ୍ଚାୟତ ବହନ କରିବ । **ଧାରା ୬୪ ।**

**୬.୧୭ ସଂପତ୍ତିର ପରିଚାଳନାରେ ଗ୍ରାମପଞ୍ଚାୟତର ସୀମାବଦ୍ଧତା (ଧାରା ୭୫)-**

- ଯଦି ବାର୍ଷିକ ବଜେଟ୍‌ରେ ଆବଶ୍ୟକୀୟ ବ୍ୟବସ୍ଥା ରଖାଯାଇନଥାଏ, ତେବେ ଗ୍ରାମ ପଞ୍ଚାୟତ କେବଳ ପୋଖରୀ ଏବଂ ଜମିରୁ ଉତ୍ପନ୍ନ ଦ୍ରବ୍ୟାଦି ବ୍ୟତୀତ କୌଣସି ଚଳନ୍ତି ସଂପତ୍ତିକୁ କୌଣସି ରୀତିରେ ନିକାଶ କରିପାରିବ ନାହିଁ ।
- କୋଣସି ସ୍ଥାବର ସମ୍ପତ୍ତିକୁ ମଧ୍ୟ ବିକ୍ରୀ, ବିନିମୟ, ଉପହାର, ବନ୍ଧକ ବା ଅନ୍ୟ କୌଣସି ରୀତିରେ ନିକାଶ କରିବାର କ୍ଷମତା ଗ୍ରାମ ପଞ୍ଚାୟତର ନାହିଁ କିମ୍ବା ରାଜ୍ୟ ସରକାରଙ୍କ ଅଗ୍ରୀମ ଅନୁମୋଦନ ବିନା କୌଣସି ଲିଜ୍-ଅଧୀନ ସ୍ଥାନରେ ସ୍ଥାୟୀ ନିର୍ମାଣକାର୍ଯ୍ୟ ପାଇଁ ଅନୁମତି ଦେବାର କ୍ଷମତା ଗ୍ରାମପଞ୍ଚାୟତର ନାହିଁ ।
- ପୁଣି ଜିଲ୍ଲାପାଳଙ୍କ ଅଗ୍ରୀମ ଅନୁମୋଦନ ବନା କୌଣସି ଅଚଳ ସମ୍ପତ୍ତିକୁ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଅବଧି ପାଇଁ ଲିଜ୍ ଦେବାର କ୍ଷମତା ଗ୍ରାମପଞ୍ଚାୟତର ନାହିଁ ।
- ଏହି ଆଇନ୍‌ର ବିରୁଦ୍ଧାଚରଣ କରି ଯଦି ଗ୍ରା.ପ. କୌଣସି ସମ୍ପତ୍ତିର ନିକାଶ କରିଥାଏ ତେବେ ତାହା ଅକାମୀ ହୋଇଯିବ ।

**୬.୧୮ ଗ୍ରାମପଞ୍ଚାୟତ ସମ୍ପତ୍ତିର ଲିଜ୍ ପ୍ରକ୍ରିୟା-**

- ପ୍ରତିବର୍ଷ ଅକ୍ଟୋବର ମାସ ଶେଷ ପୂର୍ବରୁ ଗ୍ରାମପଞ୍ଚାୟତ ନିଜସ୍ୱ ପରିଚାଳନାରେ ଥିବା ବା ଲିଜ୍ ଦିଆଯାଇଥିବା ସମସ୍ତ ସଂପତ୍ତିର ଅବସ୍ଥିତି ଏବଂ ପ୍ରତ୍ୟେକ ସଂପତ୍ତିରୁ ଗତ ୩ବର୍ଷରେ ପ୍ରାପ୍ତ ଆୟର ସୂଚନା ସହିତ ଏକ ତାଲିକା ଫର୍ମ ନଂ.୧୮ ଅନୁଯାୟୀ ପ୍ରସ୍ତୁତ ଏକ ବିବରଣୀରେ ସ୍ଥାନିତ କରି ବି.ଡି.ଓ.ଙ୍କ ଜରିଆରେ ଉପଜିଲ୍ଲାପାଳଙ୍କ ନିକଟକୁ ପଠାଇବେ । **ନିୟମ ୮୭(ଏ) ।**
- ଉପଜିଲ୍ଲାପାଳ ପଞ୍ଚାୟତକୁ ଶୁଣାଣି କରି ତଥା ନିଜେ ଅନୁଧ୍ୟାନ କରି ଯଦି ହୃଦ୍‌ବୋଧ କରନ୍ତି ଯେ, ସଂପୃକ୍ତ ସଂପତ୍ତିରୁ ପଞ୍ଚାୟତ ଯେଉଁ ଆୟ କରୁଛି, ତାହା ସ୍ୱଳ୍ପ ହେବା କାରଣରୁ ତାକୁ ଲିଜ୍ ଦିଆଯିବାର ଆବଶ୍ୟକତା ଅଛି, ତେବେ ସେ ସର୍ବସାଧାରଣରେ ନିଲାମ ଡାକରା ଜରିଆରେ ସେହି ସମ୍ପତ୍ତିକୁ ଲିଜ୍ ଦେବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି । **ନିୟମ ୮୭(ବି) ।**
- ଉପଜିଲ୍ଲାପାଳ ଲିଜ୍‌ର ସମୟ-ଅବଧି ଏବଂ ନିଲାମ ଡାକରାର ସର୍ବନିମ୍ନ ପରିମାଣ (ଅପ୍‌ସେଟ୍ ମୂଲ୍ୟ) ଧାର୍ଯ୍ୟ କରିବେ । **ନିୟମ ୮୭ (ସି) ।**
- ସଂପତ୍ତିଗୁଡିକର ଲିଜ୍‌ର ସମୟ-ଅବଧି ଏବଂ ସର୍ବନିମ୍ନ ଡାକ ମୂଲ୍ୟ ସ୍ଥିର କଲା ପରେ ଉପଜିଲ୍ଲାପାଳ ରହିଁର ଏକ ତାଲିକା ବି.ଡି.ଓ.ଙ୍କ ନିକଟକୁ ପଠାଇବେ । ବି.ଡି.ଓ. ନିଲାମ ତାରିଖ ସ୍ଥିର କରିବେ ଏବଂ ଏହି ତାରିଖର ସୁସ୍ପଷ୍ଟ ୧୫ଦିନ ପୂର୍ବରୁ ନିଲାମ ପାଇଁ ନୋଟିସ୍ ଦେବେ, ଯାହା କି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଲଟକା ଯିବ । ଯେଉଁ ସଂପତ୍ତିର

ସର୍ବନିମ୍ନ ଡାକ (ଅପ୍‌ସେଟ୍ ମୂଲ୍ୟ) ପାଞ୍ଚ ହଜାର ଟଙ୍କା କିମ୍ବା ତା ଠାରୁ କମ୍, ତାହାର ନିଲାମ ଦାୟିତ୍ୱକୁ ବି.ଡି.ଓ. ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କୁ ନ୍ୟସ୍ତ କରିପାରନ୍ତି । **ନିୟମ ୮୭ (ଡି) ।**

- ସଂପୃକ୍ତ ସଂପତ୍ତିଗୁଡିକର ନିଲାମ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କିମ୍ବା ସଂପତ୍ତିର ଅବସ୍ଥିତି ସ୍ଥାନରେ ଅନୁଷ୍ଠିତ ହେବ । **ନିୟମ ୮୭ (ଇ) ।**
- ନିଲାମ ଡାକିବା ପୂର୍ବରୁ ଜଣେ ବ୍ୟକ୍ତି ଅପସେଟ୍ ମୂଲ୍ୟର ୧୦ଭାଗ ସଂପୃକ୍ତ ଅଧିକାରୀଙ୍କ ନିକଟରେ ଅମାନତ ଜମା ରୂପେ ଦାଖଲ କରିବେ **ନିୟମ ୮୭ (ଏଫ୍) ।**
- ସର୍ବୋଚ୍ଚ ପରିମାଣର ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ନିଲାମ କରାଯିବ । ସର୍ବୋଚ୍ଚ ନିଲାମ ଡକାଳୀଙ୍କ ଅମାନତ ଅର୍ଥ ବ୍ୟତୀତ ଅନ୍ୟ ସମସ୍ତ ଡକାଳୀଙ୍କ ଅମାନତ ଅର୍ଥ ଫେରସ୍ତ ଦିଆଯିବ । ସର୍ବୋଚ୍ଚ ନିଲାମ ଡକାଳୀଙ୍କ ଅମାନତ ଅର୍ଥ ଗ୍ରାମପାଣ୍ଠିରେ ଜମା ଦିଆଯିବ ଏବଂ ତାଙ୍କର ଶେଷ କିସ୍ତି ବାବଦରେ ଏହାକୁ ମଜୁରା କରାଯିବ । ଯଦି ସେ ନିଲାମର କୌଣସି ସର୍ତ୍ତକୁ ଖିଲାପ କରନ୍ତି, ତେବେ ଖିଲାପର ପ୍ରକାର ଓ ଆକାର ଅନୁପାତରେ ସେ ତାଙ୍କର ଅମାନତ ଅର୍ଥକୁ ହରାଇବେ । **ନିୟମ ୮୭ (ଜି) ।**
- ନିଲାମ ତାରିଖ ଠାରୁ ୩୦ ଦିନ ମଧ୍ୟରେ ଯଥାସ୍ଥିତି ବି.ଡି.ଓ. ବା ଉପଜିଲ୍ଲାପାଳ ନିଲାମର ନିଧାର୍ଯ୍ୟତାକୁ ସୂଚୀତ କରି ନିଜର ଆଦେଶ ଜାରି କରିବେ; ଅନ୍ୟଥା ନିଲାମର ନିଧାର୍ଯ୍ୟତା ଆପେ ଆପେ ସାବ୍ୟସ୍ତ ହୋଇଯିବ । ପୁଣି ଏଭଳି ଅଧିକାରୀ ଯଦି ହୃଦ୍‌ବୋଧ କରନ୍ତି, ନିଲାମ ଡାକରା ଯାଇଥିବା ପରିମାଣ ସ୍ୱଳ୍ପ ବା କୌଣସି ବ୍ୟକ୍ତି ନିଲାମ ଡାକିବା ପାଇଁ ଆଗ୍ରହୀ ନୁହଁନ୍ତି, ତେବେ ସଂପୃକ୍ତ ସମ୍ପତ୍ତି ନିର୍ଦ୍ଦିଷ୍ଟ କେତେକ ବର୍ଷ ପାଇଁ ଗ୍ରା.ପ.ର ପରିଚାଳନା ଅଧୀନରେ ରହିବ ବୋଲି ସେ ଆଦେଶ ଦେଇପାରିବେ । **ନିୟମ ୮୭ (ଏଚ୍) ।**
- ଯଦି କୌଣସି କାରଣରୁ ନିର୍ଦ୍ଦିଷ୍ଟ ତାରିଖରେ ନିଲାମ ଅନୁଷ୍ଠିତ ହୋଇନପାରେ ତେବେ ସଂପୃକ୍ତ ଅଧିକାରୀ ପୁନର୍ବାର ନିଲାମ ଡାକିବା ପାଇଁ ତାରିଖ ଘୋଷଣା କରିପାରନ୍ତି । **ନିୟମ ୮୭ (ଆଇ) ।**
- ନିଲାମ ନେଇଥିବା ବ୍ୟକ୍ତି ପ୍ରଥମ କିସ୍ତିର ଅର୍ଥରାଶି ଜମା ଦେଇ ଏକ ଚୁକ୍ତିପତ୍ର ସଂପାଦନ କରିବେ, ଯାହାକି ପଞ୍ଜୀକୃତ ହେବ । ପଞ୍ଜୀକରଣର ଖର୍ଚ୍ଚ ନିଲାମଧାରୀ ବହନ କରିବେ । **ନିୟମ ୮୭ (ଜେ) ।**
- ନିଲାମ ଅର୍ଥ ଦୁଇଟି କିସ୍ତିରେ ପଇଠ କରାଯିବ । ପ୍ରତି କିସ୍ତିର ସମୟ-ଅବଧି ଏବଂ ଦେୟ ଅର୍ଥରାଶି ଚୁକ୍ତିନାମାରେ ସ୍ଥିରିକୃତ ହୋଇଥିବ । ଯଦି କୌଣସି କିସ୍ତିର ଅର୍ଥ ନିର୍ଦ୍ଧାରିତ ତାରିଖ ଭିତରେ ପଇଠ କରାନଯାଏ ତେବେ ଗ୍ରା.ପ. ସଂପାଦକ ଏ ବିଷୟକୁ ଗ୍ରା.ପ.ଙ୍କ ଦୃଷ୍ଟିକୁ ଆଣିବେ ଏବଂ ଗ୍ରା.ପ. ଉକ୍ତ ଲିଜ୍‌କୁ ବାତିଲ୍ କରି ବି.ଡି.ଓ.ଙ୍କୁ ଏ ବିଷୟରେ ଅବଗତ କରିବେ । ଏପରି ଅବଗତ ହେବାର ୩୦ଦିନ ଭିତରେ ବି.ଡି.ଓ. ପୁନର୍ବାର ବିଧି ମତେ ନିଲାମ ଆୟୋଜନ ପାଇଁ ପଦକ୍ଷେପ ନେବେ । **ନିୟମ ୮୭ (କେ) ।**
- ଲିଜ୍ ଚୁକ୍ତିର ଉଲ୍ଲଂଘନ କାରଣରୁ ଗ୍ରାମଶାସନର ଯଦି କିଛି କ୍ଷତି ଘଟେ, ତେବେ ତାହା ଲିଜ୍‌ଧାରୀଙ୍କ ଠାରୁ ଭରଣା କରାଯିବ । **ନିୟମ ୮୭ (ଏଲ୍) ।**
- **ନିୟମ ୮୭ (ଏମ୍)** ଅନୁଯାୟୀ ଲିଜ୍‌ର ଚୁକ୍ତିପତ୍ର ସଂପାଦନ ପାଇଁ ବିଭିନ୍ନ ପ୍ରକାର ସଂପତ୍ତି ସକାଶେ ଭିନ୍ନଭିନ୍ନ ଫର୍ମ ରହିଛି । ଏହା ନିମ୍ନରେ ଦିଆଗଲା-

  ୧) ମାର୍କେଟ - ଫର୍ମ ଏ

  ୨) ଫେରିଘାଟ - ଫର୍ମ ବି

  ୩) ଜଳାଶୟ (ମାଛଚାଷ ପାଇଁ) - ଫର୍ମ ସି

୪) ବଗିଚା - ଫର୍ମ ଡି

୫) ଅନ୍ୟାନ୍ୟ - ଫର୍ମ ଇ

- ଯଦି ଲିଜ୍ ଚୁକ୍ତିନାମାକୁ କେନ୍ଦ୍ର କରି ଲିଜ୍‌ଧାରୀ ଓ ଲିଜ୍-ଦାତାଙ୍କ ଭିତରେ କୌଣସି ବିବାଦ ଉପୁଜେ ତେବେ ତାହାକୁ ଜିଲ୍ଲାପାଳଙ୍କ ଦ୍ୱାରା ଫଇସଲା ନିମନ୍ତେ ପଠାଯିବ ଏବଂ ଜିଲ୍ଲାପାଳଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ । **ନିୟମ ୮୭ (ଏନ୍)**
- ଗ୍ରାମପଞ୍ଚାୟତର ସମ୍ପତ୍ତିକୁ ଲିଜ୍ ଦିଆଯିବା ସପକ୍ଷରେ ଉପଜିଲ୍ଲାପାଳଙ୍କ ଆଦେଶରେ ଯଦି ଗ୍ରାମପଞ୍ଚାୟତ କ୍ଷୁବ୍ଧ ହୁଅନ୍ତି ତେବେ ସେ ସେହି ଆଦେଶ ମିଳିବାର ୧୫ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ନିକଟରେ ଅପିଲ୍ କରି ପାରିବେ ଏବଂ ଜିଲ୍ଲାପାଳ ତାଙ୍କ ନିଷ୍ପତ୍ତିରେ ଉକ୍ତ ଆଦେଶକୁ ବାତିଲ୍ କରି ଦେଇପାରନ୍ତି ନଚେତ୍ କାଏମ୍ ରଖି ପାରନ୍ତି । **ନିୟମ ୮୭ (ଓ) ।**
- କୌଣସି ନିଲାମ ଡକାଳୀ ଯଦି ନିଲାମ ଆୟୋଜନ କରିଥିବା ଅଧିକାରୀଙ୍କ ଆଦେଶ ଯୋଗୁଁ କ୍ଷୁବ୍ଧ ହୋଇଥାନ୍ତି ତେବେ ସେ ଉକ୍ତ ଆଦେଶ ମିଳିବାର ୧୫ ଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କ ନିକଟରେ ତାହା ବିରୁଦ୍ଧରେ ଅପିଲ୍ କରି ପାରିବେ ଏବଂ ଉପଜିଲ୍ଲାପାଳ ଉକ୍ତ ଆଦେଶ ଉପରେ ରହିତାଦେଶ ଦେଇ ପାରନ୍ତି ବା ଏହାକୁ ଖାରଜ ଅଥବା କାଏମ୍ କରିପାରନ୍ତି । **ନିୟମ ୮୭ (ପି) ।**

## ୬.୧୯ ଲିଜ୍ ପ୍ରକ୍ରିୟାରେ ଗ୍ରା.ପ.ର ଭୂମିକା-

୬.୧୯.୧ ଲିଜ୍‌ର ସମୟ-ଅବଧି ସମ୍ବନ୍ଧରେ ଉପଜିଲ୍ଲାପାଳଙ୍କ ପରାମର୍ଶକୁ ଦୃଷ୍ଟିରେ ରଖି ଗ୍ରା.ପ.ର ବୈଠକରେ ଲିଜ୍‌ର ସମୟ-ଅବଧି ଏବଂ ଚୁକ୍ତିନାମାର ସର୍ତ୍ତାବଳୀ ଧାର୍ଯ୍ୟ କରାଯିବ । ତିନିବର୍ଷରୁ ଅଧିକ ଓ ପାଞ୍ଚବର୍ଷରୁ କମ୍ ସମୟ-ଅବଧି ପାଇଁ ଜିଲ୍ଲାପାଳ ତଥା ୫ବର୍ଷରୁ ଅଧିକ ସମୟ ଅବଧି ପାଇଁ ଲିଜ୍ ଦରଖାସ୍ତକୁ ରାଜ୍ୟ ସରକାର ଅନୁମତି ଦେଇପାରିବେ । **ନିୟମ ୮୮(ଏ) ।**

୬.୧୯.୨ ଯଦି କେହି ବ୍ୟକ୍ତି ଜିଲ୍ଲାପାଳଙ୍କ ନିଷ୍ପତ୍ତିରେ କ୍ଷୁବ୍ଧ ହୁଅନ୍ତି, ତେବେ ସେ ଏହି ନିଷ୍ପତ୍ତି ମିଳିବାର ୧୫ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ ଅପିଲ୍ କରିପାରିବେ । ରାଜ୍ୟସରକାର ଉକ୍ତ ଆଦେଶରେ ଅଦଳବଦଳ ଆଣିପାରନ୍ତି ବା ଏହାକୁ ଖାରଜ କରିପାରନ୍ତି କିମ୍ବା କାଏମ୍ ରଖିପାରନ୍ତି । **ନିୟମ ୮୮ (ବି) ।**

## ୬.୨୦ କୀଟ-ନିୟନ୍ତ୍ରଣ ଏବଂ ଉନ୍ନତ କୃଷି ଓ ପଶୁପାଳନ ସମ୍ବନ୍ଧୀୟ ନିର୍ଦ୍ଦେଶନାମାର ଉଲ୍ଲଂଘନ ବାବଦରେ ଖର୍ଚ୍ଚ ଆଦାୟ:

୬.୨୦.୧ ଗ୍ରାମର ଇଲାକା ଭିତରେ ଅବସ୍ଥିତ କୌଣସି ଅଞ୍ଚଳକୁ ଗ୍ରାମ ପଞ୍ଚାୟତ କୀଟ-ସଂକ୍ରମିତ ଅଞ୍ଚଳ ବୋଲି ଘୋଷଣା କରି କୀଟ ନିରାକରଣ ପାଇଁ ପଦକ୍ଷେପମାନ ଘୋଷଣା କରିପାରିବେ ତଥା ସଂପୃକ୍ତ କ୍ଷେତ-ମାଲିକ ଓ ଋଷୀଙ୍କୁ ଏ ବାବଦରେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଦେଇ ପାରିବେ । ଏହାଛଡା ଗ୍ରାମର ଇଲାକା ମଧ୍ୟରେ କୃଷି ଉତ୍ପାଦନର ଅଭିବୃଦ୍ଧି ଲକ୍ଷ୍ୟରେ ଗ୍ରାମପଞ୍ଚାୟତ ମଧ୍ୟ କୃଷି ଓ ପଶୁପାଳନର ଉନ୍ନତ ପଦ୍ଧତିକୁ ଆଧାର କରି ଏକ ଯୋଜନା ପ୍ରଣୟନ କରିପାରନ୍ତି ଓ ଗ୍ରାମବାସୀଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇ ପାରନ୍ତି । **ନିୟମ ୭୦(୧) ।**

୬.୨୦.୨ ଏହି ପ୍ରକାର ନିର୍ଦ୍ଦେଶନାମା ଦେବା କ୍ଷେତ୍ରରେ ଗ୍ରାମପଞ୍ଚାୟତ ରାଜ୍ୟ ସରକାର ଅଥବା ବିହିତ କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନ ଅଧୀନରେ ତହି ନିଜର କ୍ଷମତା ପ୍ରୟୋଗ କରିବେ । ଗ୍ରାମପଞ୍ଚାୟତ ସଂପୃକ୍ତ

ଯୋଜନାକୁ ବିଜ୍ଞପ୍ତି କରିବା ପୂର୍ବରୁ ଚିଠା-ଯୋଜନା ଉପରେ ସର୍ବସାଧାରଣଙ୍କ ଠାରୁ ଆପତ୍ତି ଆହ୍ୱାନ୍ କରିଥିବେ । **ନିୟମ ୭୦(୨) ।**

୬.୨୦.୩ ଗ୍ରାମପଞ୍ଚାୟତର ନର୍ଦ୍ଦେଶନାମାକୁ ଯେଉଁ ବ୍ୟକ୍ତି ଅବମାନନା କରିବେ, ସେହି କାରଣରୁ ଯାହାକିଛି ଖର୍ଚ୍ଚ ହୋଇଥିବ, ତାହା ଉକ୍ତ ବ୍ୟକ୍ତିଙ୍କ ଠାରୁ ଗ୍ରାମପଞ୍ଚାୟତ ଆଦାୟ କରିବ । **ନିୟମ ୭୦(୩) ।**

### ୬.୨୧ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଓ ବ୍ୟବସାୟ କ୍ଷେତ୍ରରେ ଗ୍ରା.ପ.ର ଭୂମିକା:

୬.୨୧.୧ ସମ୍ବିଧାନର ୭୩ତମ ସଂଶୋଧନ ଫଳରେ ପ୍ରଣୀତ ହୋଇଥିବା ଏକାଦଶ ସାରଣୀରେ ଯେଉଁ ୨୯ଟି ବିଷୟ ପଞ୍ଚାୟତର ନିୟନ୍ତ୍ରଣାଧୀନ ରହିବ ବୋଲି ଧାର୍ଯ୍ୟ କରାଗଲା, ତହିଁର ସପ୍ତମ ବିନ୍ଦୁରେ ରହିଛି, ଲଘୁ ବନଜାତ ସାମଗ୍ରୀ । ଏହାଛଡା ଓ.ଗ୍ରା.ପ.ଆଇନ୍ ୧୯୬୪ର ଧାରା-୪୪(ପଞ୍ଚାୟତର ଅବଶ୍ୟ-ପାଳନୀୟ ଦାୟିତ୍ୱସମୂହ)ର ଉପଧାରା (୧)ରେ ଲଘୁ ବନଜାତ ସାମଗ୍ରୀ ଗ୍ରାମପଂଚାୟତର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ରହିବ ବୋଲି କୁହାଯାଇଛି । ପୁଣି ଉପଧାରା (୨)ରେ କୁହାଯାଇଛି ଯେ, ୫ମ ଅନୁସୂଚୀ ଅଞ୍ଚଳରେ ଲଘୁ ବନଜାତ ସାମଗ୍ରୀର ମାଲିକାନା ଗ୍ରାମଶାସନର ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ରହିବ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଣକାଷ୍ଠ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଏକ ପ୍ରସ୍ତାବ ବିଜ୍ଞପ୍ତି ସଂଖ୍ୟା ୫୫୦୩/ଏଫ୍. ଆଣ୍ଡ ଇ. ତାରିଖ ୩୧ ମାର୍ଚ୍ଚ ୨୦୦୦ରେ ଘୋଷଣା କରିଥିଲେ, ଯାହାବଳରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଲଘୁବନଜାତ ସାମଗ୍ରୀର ମାଲିକାନା ଜଙ୍ଗଲ ବିଭାଗ ଅଧୀନରେ ନରହି ଗ୍ରାମ ପଞ୍ଚାୟତ ଅଧୀନରେ ରହିବାର ନୀତିକୁ ସ୍ୱୀକୃତି ଦେଲେ । ଏହାପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ସଂଖ୍ୟା ଏଲ୍.ଏସ୍.-୩-୪୧/୨୦୦୦ ତାରିଖ ୨୬.୫.୨୦୦୦ ବଳରେ ଏକ ଆଦେଶ ଜାରିକଲେ, ଯାହା ଅନୁଯାୟୀ ଲଘୁ ବନଜାତ ସାମଗ୍ରୀର ବେପାର କରିବାକୁ ଆଗ୍ରହୀ ଯେ କୌଣସି ବ୍ୟବସାୟୀ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ ନିକଟରେ ନିଜକୁ ପଂଜିକରଣ କରିବା ପାଇଁ ଉଦ୍ଦିଷ୍ଟ ଫିସ୍ ସହିତ ଏକ ବିହିତ ଫର୍ମରେ ଆବେଦନ କରିବା ପାଇଁ କୁହାଗଲା । ଏଥିରେ ପୁଣି କୁହାଗଲା ଯେ, ଯଦି କୌଣସି ବ୍ୟବସାୟୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଲଘୁ ବନଜାତ ସାମଗ୍ରୀ ସଂଗ୍ରହ କରୁଥିବାର ପ୍ରମାଣ ମିଳେ ତେବେ ଗ୍ରାମପଞ୍ଚାୟତ ତାଙ୍କର ପଂଜିକରଣକୁ ରଦ୍ଦ କରିଦେଇ ପାରିବେ । ଏହାପରେ ପୁଣି ୧୫ ନଭେମ୍ବର ୨୦୦୨ରେ ରାଜ୍ୟ ଗେଜେଟ୍‌ରେ ଜାରି ହେଲା ଏକ ବିଜ୍ଞପ୍ତି (ସଂଖ୍ୟା ୨୦୯୧), ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨, ଯାହା ଅନୁଯାୟୀ ବର୍ତ୍ତମାନ ଉଭୟ ଅନୁସୂଚୀତ ଓ ଅଣ-ଅନୁସୂଚୀତ ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ଥିବା ୬୮ଗୋଟି ଲଘୁବନଜାତ ସାମଗ୍ରୀର ନିୟନ୍ତ୍ରଣ ସଂପୃକ୍ତ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇଛି ।

### ୬.୨୧.୨ ଓଡିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨

ଏହି ନିୟମାବଳୀ ଅନୁଯାୟୀ ଗ୍ରାମର ପରିସୀମା ଭିତରେ ଥିବା ସରକାରୀ ଜମି ବା ଜଙ୍ଗଲ ଜମିରୁ ତଥା ସଂରକ୍ଷିତ ଜଙ୍ଗଲରୁ ଗ୍ରାମବାସୀମାନେ ସଂଗୃହ କରୁଥିବା ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଗ୍ରାମପଞ୍ଚାୟତର ନିୟନ୍ତ୍ରଣ ରହିବ । ଏହିସବୁ ସାମଗ୍ରୀକୁ ପ୍ରାଥମିକ ସଂଗ୍ରହକର୍ତ୍ତାମାନଙ୍କ ଠାରୁ କିଣିବା ତଥା ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ବିକିବା ପାଇଁ ଲାଇସେନ୍ସ ସକାଶେ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ

ଗ୍ରାମପଞ୍ଚାୟତ ନିକଟରେ ପଞ୍ଜିକରଣ କରିବାକୁ ପଡିବ । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞପ୍ତି କରାଯାଉଥିବା ପଞ୍ଜିକରଣ ଫିସ୍ ଦାଖଲ କରି ଦରଖାସ୍ତ କରିବାକୁ ପଡିବ । ଉକ୍ତ ନିୟମାବଳୀର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା,

- ବନ ସୁରକ୍ଷା ସମିତି ଏବଂ ଏହାର ସଭ୍ୟସଭ୍ୟାମାନଙ୍କୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।
- ପଞ୍ଚାୟତ ସମିତି ଦ୍ୱାରା ପ୍ରତିବର୍ଷ ସେପ୍ଟେମ୍ବର ମାସରେ ବିଭିନ୍ନ ଲଘୁ ବନଜାତ ସାମଗ୍ରୀର ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଏହି ସୂଚନା ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟ ତଥା ସଂପୃକ୍ତ ସମସ୍ତ ଗ୍ରା.ପ.ଗୁଡିକୁ ପଠାଯିବ ।
- ସ୍ଥାନୀୟ ଆବଶ୍ୟକତାକୁ ଭିତ୍ତି କରି ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଗ୍ରାମସଭା ଏହାକୁ ଅନୁମୋଦନ କରିବ ।
- ଯଦି ଗୋଟିଏ ପଞ୍ଚାୟତ ସମିତି ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଫଳ ହୁଏ ତେବେ ସଂପୃକ୍ତ ଜିଲ୍ଲାପାଳ ଅକ୍ଟୋବର ମାସରେ ପଞ୍ଚାୟତ ସମିତିର ଏକ ବୈଠକ ଡକାଇ ଏହାକୁ ନିର୍ଦ୍ଧାରଣ କରିବେ ।
- ପଂଜିକୃତ ବ୍ୟବସାୟୀ ପ୍ରତି ମାସରେ ଏବଂ ବର୍ଷରେ ଥରେ ବିହିତ ଫର୍ମରେ ସଂଗ୍ରହ ଓ ବିକ୍ରୀର ବିବରଣୀ ଦାଖଲ କରିବେ ।
- ଗ୍ରାମ ପଞ୍ଚାୟତ ବର୍ଷକୁ ଥରେ ଜଙ୍ଗଲ ବିଭାଗର ଉପଖଣ୍ଡ (ରେଞ୍ଜ) ଅଧିକାରୀଙ୍କ ନିକଟକୁ ସଂଗ୍ରହ ଏବଂ ବ୍ୟବସାୟର ବିବରଣୀ ଦାଖଲ କରିବେ ।
- ଯଦି କୌଣସି ପଂଜିକୃତ ବ୍ୟବସାୟୀ ପ୍ରାଥମିକ ସଂଗ୍ରହକର୍ତ୍ତାଙ୍କୁ ନିର୍ଦ୍ଧାରିତ ହୋଇଥିବା ନ୍ୟୂନତମ ମୂଲ୍ୟ ଦେବାର ନିୟମକୁ ଉଲ୍ଲଂଘନ କରନ୍ତି ତେବେ ଏ ବିଷୟରେ ସରପଞ୍ଚ ତଦନ୍ତ କଲାପରେ ଗ୍ରା.ପ.ର ବୈଠକ ବସି ଉକ୍ତ ବ୍ୟବସାୟୀଙ୍କର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି । ପଞ୍ଜିକରଣ ରଦ୍ଦ ହେବା ସତ୍ତ୍ୱେ ଯଦି ଉକ୍ତ ବ୍ୟବସାୟୀ ପୁଣି ଗ୍ରା.ପ. ଇଲାକା ଭିତରେ ନିଜର କାରବାର ଚଳାଇ ରଖନ୍ତି, ତେବେ ସରପଞ୍ଚ ଓ ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ । ଡି.ଏଫ୍.ଓ. ଉକ୍ତ ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ଲଘୁ ବନଜାତ ସାମଗ୍ରୀକୁ ଜବତ କରିବେ ଏବଂ ସର୍ବସାଧାରଣରେ ନିଲାମ କରିବେ । ନିଲାମରୁ ମିଳିଥିବା ଅର୍ଥକୁ ଜଙ୍ଗଲ ଆଇନ୍ ଅନୁଯାୟୀ ଉପଯୁକ୍ତ ହିସାବ-ଶୀର୍ଷକ ଅଧୀନରେ ଜମା ଦିଆଯିବ ।
- ଯଦି କୌଣସି ବ୍ୟବସାୟୀ ନିଜକୁ ଗ୍ରା.ପ. ନିକଟରେ ପଞ୍ଜିକରଣ ନକରି ଗ୍ରା.ପ. ଇଲାକା ଭିତରେ ଲଘୁ ବନଜାତ ସାମଗ୍ରୀର ବ୍ୟବସାୟ କରୁଥାନ୍ତି, ତେବେ ସରପଞ୍ଚ ବା ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ, ଏବଂ ଡି.ଏଫ୍.ଓ. ତାହା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ନିୟମାବଳୀ ୨୦୦୨ର ନିୟମ ୯(୧) ଅନୁଯାୟୀ ପଞ୍ଜିକରଣ ଫିସ୍ ସରକାରୀ ଉଦ୍ୟୋଗ ଯଥା ଓ.ଏଫ୍.ଡି.ସି. ଏବଂ ଟ୍ରାଇଫେଡ୍‌ଙ୍କୁ ଦେବାକୁ ପଡିବନି ।

୬.୨୧.୩ **ନିୟମାବଳୀ ୨୦୦୨ ଅନୁଯାୟୀ ୬୮ଟି ଲଘୁ ବନଜାତ ସାମଗ୍ରୀର ତାଲିକା-**

୧. ତେନ୍ତୁଳି, ମଞ୍ଜିଛଡା ତେନ୍ତୁଳି ଓ ତେନ୍ତୁଳି ମଞ୍ଜି
୨. ମହୁଲ ଫୁଲ
୩. ପାହାଡି ଝାଡୁ
୪. କଣ୍ଟା ଛାଞ୍ଚୁଣି
୫. ଫୁଲ ଝାଡୁ
୬. ଛାଞ୍ଚୁଣି ଘାସ
୭. କୋଚିଲା ମଞ୍ଜି
୮. ହରିଡା
୯. ବାହାଡା
୧୦. ଅଁଳା
୧୧. ସାବୁନ କୋଳି(ରିଠା ଫଳ)
୧୨. ଚିହ୍ନ କୋଳି
୧୩. ସଂଫୈ କୋଳି (ନିର୍ମଳା)
୧୪. ମହୁ
୧୫. ଶିଆଳି ପତ୍ର
୧୬. ସବାଇ ଘାସ
୧୭. ଆମ୍ବ ଟାକୁଆ
୧୮. ଛାଞ୍ଚୁଣି ଘାସ
୧୯. ଶିମିଳି ତୁଳା
୨୦. ପାଲୁଅ ମହୁ
୨୧. ଧାତୁକି ଫୁଲ ଥଚା ଘାସ
୨୨. ପୁତ୍ରାଣି
୨୩. ସିକାକାଇ
୨୪. ଜଙ୍ଗଲ ଗବ
୨୫. ପଳାଶ ମଞ୍ଜି
୨୬. ଶିଆଳି ମଞ୍ଜି
୨୭. ଇନ୍ଦ୍ର ଜବ
୨୮. ଗିଲ (ମଞ୍ଜି ଓ ଚୋପା)
୨୯. ବେଣା ଚେର
୩୦. ବଣ ହଳଦୀ
୩୧.ଗବ
୩୨. ବାସିଲ୍
୩୩. ବଣ କୋଳଥ
୩୪. ମାଖନା ମଞ୍ଜି
୩୫. ତାଳମାଖନା ମଞ୍ଜି
୩୬. ବାଇଡଙ୍କ ମଞ୍ଜି
୩୭. ବାଘନଖି ମଞ୍ଜି
୩୮. କମଳାଗୁଣ୍ଡି ଫଳ
୩୯. ଲଣ୍ଡାବଗୁଲି
୪୦. ବେଲ
୪୧. ଚିରେଇତା (ଭୂଇଁ ନିମ୍ବ)
୪୨. ଖଜୁରି ପଟା
୪୩. ରୋହିଣୀ ଫଳ
୪୪. ଭୃସୁଙ୍ଗ ପତ୍ର
୪୫. ଫେଣଫେଣା ଫଳ
୪୬. ରସନା ଚେର
୪୭. ଶିଧ ଫଳ
୪୮. ଶେତାବରୀ
୪୯. କାଠ ଲଇ
୫୦. ଅଣ୍ଡୁ ଲଇ
୫୧. ଖେଲୁଅ ଲଇ
୫୨. ସୁଆମ୍ ଲଇ
୫୩. ଏଲଶିରା ଫଳ
୫୪. କାଠଛତୁ
୫୫. ମସିଣା ବେଣା
୫୬. ଅନନିଆ ମୂଳ
୫୭. ଅଣ୍ଟିଆ ପଟା
୫୮. ନାଗେଶ୍ୱର ଫୁଲ
୫୯. ମାଙ୍କଡ କେନ୍ଦୁ
୬୦. ଅତୁଣ୍ଡି ଫଳ
୬୧. ମହୁଲ ମଞ୍ଜି
୬୨. କୁସୁମ ମଞ୍ଜି
୬୩. କରଞ୍ଜ ମଞ୍ଜି
୬୪. ନିମ ମଞ୍ଜି
୬୫. ଚାର ମଞ୍ଜି
୬୬. ଚାକୁଣ୍ଡା ମଞ୍ଜି
୬୭. ବବୁଲ୍ ମଞ୍ଜି
୬୮. ବାଇବିରଙ୍ଗ ମଞ୍ଜି